ଓଡ଼ିଶା ସରକାର

ବିଧି ବିଭାଗ

# ଓଡ଼ିଶା ପରିସୀମା (ରାଜସ୍ୱର ଆଦାୟ) ଅଧିନିୟମ, ୧୯୬୪

# The Orissa Limitation (Recovery of Revenue) Act, 1964

*Price—[Re. 0·12 Paise*

# ଓଡ଼ିଶା ପରିସୀମା (ରାଜସ୍ୱର ଆଦାୟ) ଅଧିନିୟମ, ୧୯୬୪

---

## ବିଷୟ ସୂଚୀ


| ଉଦ୍ଦେଶିକା | | ପୃଷ୍ଠା |
|---|---|---|
| ଧାରାବଳି | | |
| ୧ । ସଂକ୍ଷିପ୍ତ ନାମ, ବିସ୍ତାର ଓ ପ୍ରାରମ୍ଭ | .. | ୧ |
| ୨ । ପରିଭାଷା | .. | ୧ |
| ୩ । ଭୂ-ରାଜସ୍ୱ ଓ ଖଜଣାର ବକେୟାର ଆଦାୟ ଲାଗି ପରିସୀମା | .. | ୧ |
| ୪ । ସନ୍ଦେହର ଅପସାରଣ | .. | ୨ |
| ୫ । ୧୯୬୨ର ଓଡ଼ିଶା ଅଧିନିୟମ ୧୧, ଧାରା ୧୨ର ସଂଶୋଧନ | .. | ୨ |

# ୧୯୭୪ର ଓଡ଼ିଶା ଅଧିନିୟମ ୨୪

# ଓଡ଼ିଶା ପରିସୀମା (ରାଜସ୍ୱର ଆଦାୟ) ଅଧିନିୟମ, ୧୯୭୪

[ତା ୧୯ ନଭେମ୍ବର, ୧୯୭୪ ରିଖରେ ରାଜ୍ୟପାଳଙ୍କ ଅନୁମତି ପ୍ରାପ୍ତ; ମୂଳ ଇଂରାଜୀ ଅଧିନିୟମଟି ତା ୪ ଡିସେମ୍ବର, ୧୯୭୪ ରିଖର ଓଡ଼ିଶା ରାଜପତ୍ର (Gazette)ର ଅସାଧାରଣ ସଂଖ୍ୟାରେ ପ୍ରଥମବାର ପ୍ରକାଶିତ ]

ସରକାରଙ୍କୁ ପ୍ରଦେୟ ଭୂ-ରାଜସ୍ୱ ଓ ଖଜଣାର ଆଦାୟର ପରିସୀମା କାଳକୁ ବିସ୍ତାରିତ କରିବା ଲାଗି ଏକ ଅଧିନିୟମ

ଭାରତୀୟ ଗଣରାଜ୍ୟର ପଞ୍ଚବିଂଶ ବର୍ଷରେ ଓଡ଼ିଶା ରାଜ୍ୟର ବିଧାନ ମଣ୍ଡଳ କର୍ତ୍ତୃକ ନିମ୍ନମତେ ଅଧିନିୟମିତ ହେଉ:—

ସଂକ୍ଷିପ୍ତ ନାମ, ବିସ୍ତାର ଓ ପ୍ରାରମ୍ଭ ।

୧ । (୧) ଏହି ଅଧିନିୟମଟିକୁ ଓଡ଼ିଶା ପରିସୀମା (ରାଜସ୍ୱର ଆଦାୟ) ଅଧିନିୟମ, ୧୯୭୪ ବୋଲି କୁହାଯାଇପାରେ ।

(୨) ଏହା ସମଗ୍ର ଓଡ଼ିଶା ରାଜ୍ୟପ୍ରତି ବିସ୍ତାରିତ ହେବ ।

(୩) ଏହା ତୁରନ୍ତ ପ୍ରବୃତ୍ତ ହେବ ।

ପରିଭାଷା

୨ । ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁନଥିଲେ, ଏହି ଅଧିନିୟମରେ:—

(କ) 'ଭୂ-ରାଜସ୍ୱ'ର ଅର୍ଥ ଯେକୌଣସି ନାମରେ ଅଭିହିତ ବା ସ୍ଥାନୀୟ-ଭାବେ ପରିଚିତ ଅଥଚ ରାଜ୍ୟ ସରକାରଙ୍କୁ ପ୍ରଦେୟ ଭୂ-ରାଜସ୍ୱ-ଭାବେ ନିର୍ଦ୍ଧାରିତ ସବୁ ଧନରାଶି ;

(ଖ) 'ଖଜଣା'ର ଅର୍ଥ କୃଷି ଉଦ୍ଦେଶ୍ୟରେ ଧାରିତ ଭୂମିର ବ୍ୟବହାର ଓ ଅଧିଭୋଗ ନିମନ୍ତେ ରାଜ୍ୟ ସରକାରଙ୍କୁ ଖଜଣାଭାବେ ପ୍ରଦେୟ ଯେକୌଣସି ଧନରାଶି ଏବଂ ଯେ ଓଡ଼ିଶା ପ୍ରଜାସତ୍ତ୍ୱ ଅଧିନିୟମ, ୧୯୧୩ର ଅର୍ଥାନ୍ତର୍ଗତ ଚନ୍ଦନାଦାର ଅଟନ୍ତି ସେହି ବ୍ୟକ୍ତିଙ୍କ ଦ୍ୱାରା ରାଜ୍ୟ ସରକାରଙ୍କୁ ପ୍ରଦେୟ ଖଜଣା ତାହାର ଅର୍ଥାନ୍ତର୍ଗତ । (୧୯୧୩ର ବିହାର ଓ ଓଡ଼ିଶା ଅଧିନିୟମ ୨ ।)

ଭୂ-ରାଜସ୍ୱ ଓ ଖଜଣାର ବକେୟାର ଆଦାୟ ଲାଗି ପରିସୀମା ।

୩ । ତତ୍ ସମୟରେ ପ୍ରବୃତ୍ତ ଅନ୍ୟ ଯେକୌଣସି ବିଧିରେ ବା ବିଧିର ଶକ୍ତିସମ୍ପନ୍ନ ଯେକୌଣସି ଆଦେଶ, ରୀତି ବା ପ୍ରଥାରେ ଅନ୍ତର୍ବିଷ୍ଟ ଯେକୌଣସି କଥା ସତ୍ତ୍ୱେ, ଭୂ-ରାଜସ୍ୱ ବା ଖଜଣାର ବକେୟାର ଆଦାୟ ଲାଗି ପରିସୀମା କାଳ ଯେଉଁ ତାରିଖରେ ସେହି ବକେୟା ଶୋଧ ହୁଏ ସେହିଠାରୁ ଦଶ ବର୍ଷ ହେବ :

ପରନ୍ତୁ, ଯେଉଁ ବକେୟା ଏହି ଅଧିନିୟମର ପ୍ରାରମ୍ଭ ତାରିଖ ସୁଦ୍ଧା ଶୋଧ-ଭାବେ ପ୍ରୋଦ୍‌ଭୂତ ହୋଇସାରିଛି ସେହି ବକେୟା ସମ୍ପର୍କରେ, ଯଦି ଉକ୍ତ ତାରିଖ ପୂର୍ବେ ତତ୍‌ପ୍ରତି ଲାଗୁହେବା ପରିସୀମା କାଳ ଦଶ ବର୍ଷରୁ ଅଧିକ ହୋଇଥାଏ ତାହାହେଲେ ପରିସୀମା କାଳ ଉକ୍ତ ତାରିଖଠାରୁ ପାଞ୍ଚ ବର୍ଷ ହେବ ।

ସନ୍ଦେହର ଅପସାରଣ ।

୪ । ସନ୍ଦେହର ଅପସାରଣ ନିମନ୍ତେ ଏତଦ୍ଦ୍ୱାରା ଘୋଷଣା କରାଯାଉଛି କି ଏହି ଅଧିନିୟମ ପ୍ରବୃତ୍ତ ହେବା ପୂର୍ବରୁ ପୂର୍ବୋକ୍ତ ପ୍ରକାର ଯେଉଁ ଶୋଧର ଆଦାୟ ତମାଦି ହୋଇ ସାରିଥିବ ସେପରି ଯେକୌଣସି ଶୋଧ ଲାଗି ଦାବୀକୁ ପୁନଃପ୍ରବର୍ତ୍ତିତ କରିବା ଭଳି ଏହି ଅଧିନିୟମରେ ଅନ୍ତର୍ଭୁକ୍ତ କୌଣସି କଥାକୁ ଅନ୍ୱୟ କରାଯିବ ନାହିଁ ।

୧୯୬୨ର ଓଡ଼ିଶା ଅଧିନିୟମ ୧୧, ଧାରା ୧୨ର ସଂଶୋଧନ ।

୫ । ଓଡ଼ିଶା ସେସ୍ ଅଧିନିୟମ, ୧୯୬୨ର ଧାରା ୧୨ ସ୍ଥଳେ ନିମ୍ନଲିଖିତ ଧାରାଟି ପ୍ରତିସ୍ଥାପିତ ହେବ :— ୧୯୬୨ର ଓଡ଼ିଶା ଅଧିନିୟମ, ୧୧ ।

“୧୨ । ଯଦି ସରକାର ବା ମଧ୍ୟସ୍ୱତ୍ୱାଧିକାରୀଙ୍କ ପ୍ରଦେୟ ସେସର ଯେ କୌଣସି କିସ୍ତି ବା ତାହାର ଭାଗ ତାହା ଯେଉଁ ତାରିଖରେ ଶୋଧ ହେବ ତାହାଠାରୁ ପନ୍ଦରଦିନ ମଧ୍ୟରେ ପ୍ରଦତ୍ତ ହୁଏ ନାହିଁ ତାହାହେଲେ, ସେହି କିସ୍ତି ବା ତାହାର ଭାଗର ପରିମାଣ, ସେହି କିସ୍ତି ଯେଉଁ ତାରିଖରେ ଶୋଧ ହେଲା ସେହିଠାରୁ ପରିକଳିତ ବାର୍ଷିକ ଶତକଡ଼ା ୭ ହାରରେ ସୁଧ ତଥା ତାହାକୁ ଆଦାୟ କରିବା ଖର୍ଚ୍ଚ ସମେତ,—

(କ) ଯଦି ତାହା ଜଣେ ମଧ୍ୟସ୍ୱତ୍ୱଙ୍କ ପ୍ରଦେୟ ହୋଇଥାଏ ତାହାହେଲେ, ତାହା ଶୋଧ ହେବା ପର ତିନିବର୍ଷ ମଧ୍ୟରେ ଯେକୌଣସି ସମୟରେ ଆଦାୟ ହୋଇପାରିବ ; ଓ

(ଖ) ଯଦି ତାହା ସରକାରଙ୍କ ପ୍ରଦେୟ ହୋଇଥାଏ ତାହାହେଲେ, ତାହା ଶୋଧ ହେବାପର ଦଶ ବର୍ଷ ମଧ୍ୟରେ ଯେକୌଣସି ସମୟରେ ଆଦାୟ ହୋଇ ପାରିବ ।”

OGP—MP-VIII-(Law)—34—1,000—19-8-1967

PRINTED AT THE ORISSA GOVERNMENT PRESS, MADHUPA